ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&HOD)/1224/05-02-2021

# ତୋଷାଳି ମେଳା ଉଦ୍‌ଯାପିତ

ଭୁବନେଶ୍ୱର, ତା.୦୫/୦୨/୨୦୨୧

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଜାନୁଆରୀ ୨୧ ତାରିଖଠାରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି ।

ଆଜିର ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଡ. ଏସ୍. ମୁରଲୀଧର ତୋଷାଳି ମେଳା ପରିସର ବୁଲି ଦେଖିଥିଲେ । ତାଙ୍କ ସହିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ଦେଶର ବିଭିନ୍ନ ସ୍ଥାନରୁ କାରିଗର ଓ ବୁଣାକାର ଏହି ହସ୍ତଶିଳ୍ପ ମେଳାରେ ଅଂଶଗ୍ରହଣ କରିଥିଲେ । ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ସାମଗ୍ରୀ ବିକ୍ରି ନିମନ୍ତେ ଆବଶ୍ୟକୀୟ ବଜାର ସୃଷ୍ଟି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ମେଳାର ମୁଖ୍ୟ ଉଦ୍ଦେଶ୍ୟ । ମେଳା ପରିସରରେ ସରକାରଙ୍କର କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା ।

ତୋଷାଳି ମେଳାରେ ହିଙ୍ଗୁଳା ଟସର, ଗୋପାଳପୁର, ଝରାପାଲି ବୁଣାକାର ସମବାୟ ସମିତି, ବରଗଡ଼, ଉତ୍କଳ ଇ.ସି.ପି, ନୂଆପାଟଣା, ଭଗାମୁଣ୍ଡା ଟସର, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟରେ ଭଲ ବିକ୍ରିବଟା ହୋଇଥିଲା ।

ସେହିପରି ମହୀଶୂରର ଚନ୍ଦନ ତିଆରି ସାମଗ୍ରୀ, ଉତ୍କଳିକାର ହସ୍ତଶିଳ୍ପ, ସିକିମ୍‌ର ବାଉଁଶକାମ, ଓଡ଼ିଶାର ନଡ଼ାକାମ, କାଗଜ କଣ୍ଢେଇ, ପଟ୍ଟଚିତ୍ର ଦର୍ଶକମାନଙ୍କୁ ଆକୃଷ୍ଟ କରିବା ସହିତ ଅଧିକ ବିକ୍ରୟ ହୋଇଥିଲା ।

ତୋଷାଳି ମେଳାରେ ୧୨ କୋଟିରୁ ଊର୍ଦ୍ଧ୍ୱ ବିକ୍ରିବଟା ହୋଇଥିଲା ବୋଲି ବିଭାଗ ସୂତ୍ରରୁ ପ୍ରକାଶ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ